ଚିରନ୍ତନ

ସଂଖ୍ୟା ୨୮, ଜାନୁଆରୀ ୨୮, ୨୦୧୨

Chirantana

Jagannath Organization for Global Awareness (JOGA)
Newsletter, Issue No: 28, January 28, 2012
http://www.jogaworld.org

ନୂଆ ଓଡିଆ ବିଭାଗ

"ଉନ୍ମୋଚନ"

Chirantana

Bhagabat Gita: The Sacred Hindu Scripture

ନିରାଶୀର୍ଯତଚିତ୍ତାତ୍ମା ତ୍ୟକ୍ତସର୍ବପରିଗ୍ରହଃ
ଶାରୀରଂ କେବଳଂ କର୍ମ କୁର୍ବନ୍ନାପ୍ନୋତି କିଲ୍ବିଷମ୍ ।।୨୧।।

nirasiryata-cittatma
tyakta-sarva-parigrahah
sariram kevalam karma
kurvan napnoti kilbisam

ଏହି ଶ୍ଳୋକଟି ଭଗବଦ୍ ଗୀତାର **ଚତୁର୍ଥ ଅଧ୍ୟାୟରେ** ଏକବିଂଶ ପଂକ୍ତିରେ ବର୍ଣ୍ଣନା କରାଯାଇଛି । ଶ୍ରୀ ଭଗବାନ କହିଲେ – ଯାହାଙ୍କର ଶରୀର ଓ ଅନ୍ତଃକରଣ ଉତ୍ତମରୂପେ ବଶୀଭୂତ, ଯେ ସମସ୍ତ ସଂଗ୍ରହ ପରିତ୍ୟାଗ କରିଦେଇଛନ୍ତି, ସେପରି ଇଚ୍ଛାରହିତ କର୍ମଯୋଗୀ କେବଳ ଶରୀର ସମ୍ବନ୍ଧୀୟ କର୍ମ କରୁଥିଲେ ମଧ୍ୟ ପାପଭାଗୀ ହୁଅନ୍ତି ନାହିଁ ।

Lord Krishna said - Such a man of understanding acts with mind and intelligence perfectly controlled, gives up all sense of proprietorship over his possessions, and acts only for the bare necessities of life. Thus working, he is not affected by sinful reactions.

Contents

Saraswati Bandana – pg 2
Rigveda Samanata Mantra – pg 2
Mahamantra Program and Other Program Reports at Hindu Temple - pg 3

Kunje Murali Bajuchi by Banamali Das - pg 4
September 11, A Tale of Two Times By Nirlipta Daschaudhury - pg 4
Saja go Sajani Aja Abhisarika (Bhajan by Bigyani Das) - pg 6
Chhapana Bhoga Report by Trupti Dash – pg 6
Talent Search Scolarship (Naresh Das) - pg 8
Holi on March 10, 2012 - pg 10

New Odia Section "Unmochana" – pg 11

ନୂଆ ଓଡିଆ ବିଭାଗ "ଉନ୍ମୋଚନ"

Bhajan Schedule: Third Saturday of every month

Place: Hindu Temple, 10001 Riggs Road, Adelphi, MD 20783 (Tel: 301-445-2165)

6:00 –9:00 PM Bhajan, Philosophiccal Discussion, Arati, and Prasad

Holi on March 10, 2012:

Holi will be celebrated on March 10, 2012 at Hindu Temple, Adelphi, Maryland. Please check Holi information page.

Chirantana Info:

Chirantana is the bi-annual newsletter of Jagannath Organization for Global Awareness (JOGA). Chirantan is published in January/February and July/August months of every year.

Editor: Dr Bigyani Das
Email: obhajan@yahoo.com

Deadlines: Religious, philosophical and educational articles are invited from the authors by January 15 and July 15 of every year for February and August issues respectively. All submissions are subject to review.

Chirantana

Saraswati Puja: January 28, 2012

ଯା କୁନ୍ଦେନ୍ଦୁ ତୁଷାରହାର ଧବଳା ଯା ଶୁଭ୍ର ବସ୍ତ୍ରାବୃତା
ଯା ବୀଣାବରଦଣ୍ଡମଣ୍ଡିତକରା ଯା ଶ୍ୱେତପଦ୍ମାସନା ।
ଯା ବ୍ରହ୍ମାଚ୍ୟୁତ ଶଙ୍କର ପ୍ରଭୃତିଭିର୍ଦେବୈଃ ସଦା ବନ୍ଦିତା
ସା ମାଂ ପାତୁ ସରସ୍ୱତୀ ଭଗବତୀ ନିଃଶେଷଜାଡ୍ୟାପହା ॥

ଆଶାସୁ ରାଶୀ ଭବଦଂଗବଲ୍ଲି ଭାସୈବ ଦାସୀକୃତ ଦୁଗ୍ଧସିନ୍ଧୁମ୍
ମନ୍ଦସ୍ମିତୈର୍ନିନ୍ଦିତ ଶାରଦେନ୍ଦୁଂ ବନ୍ଦେରବିନ୍ଦାସନ ସୁନ୍ଦରି ତ୍ୱାମ୍ ॥
ଶୁଦ୍ଧାଂ ବ୍ରହ୍ମବିଚାରସାରପରମା ମାଦ୍ୟାଦ୍ୟଜଗଦ୍‌ବ୍ୟାପିନୀଂ
ବୀଣାପୁସ୍ତକଧାରିଣୀମଭୟଦାଂ ଜାଡ୍ୟାନ୍ଧକାରାପହାମ୍ ।
ହସ୍ତେ ସ୍ଫାଟିକମାଳିକାଂ ବିଦଧତୀଂ ପଦ୍ମାସନେ ସଂସ୍ଥିତାଂ
ବନ୍ଦେ ତାଂ ପରମେଶ୍ୱରୀଂ ଭଗବତୀଂ ବୁଦ୍ଧିପ୍ରଦାଂ ଶାରଦାମ୍ ॥
ସରସ୍ୱତ୍ୟୈ ନମୋ ନିତ୍ୟଂ ଭଦ୍ରକାଳ୍ୟୈ ନମୋ ନମଃ
ବେଦ ବେଦାନ୍ତ ବେଦାଂଗ ବିଦ୍ୟାସ୍ଥାନେଭ୍ୟ ଏବ ଚ ॥
ସରସ୍ୱତି ମହାଭାଗେ ବିଦ୍ୟେ କମଳଲୋଚନେ ।
ବିଦ୍ୟାରୂପେ ବିଶାଳାକ୍ଷି ବିଦ୍ୟାଂ ଦେହି ନମୋସ୍ତୁ ତେ ॥

ସରସ୍ୱତୀ ବନ୍ଦନା

ସଂଯୋଜିକା, ପ୍ରଣତୀ ଦାଶ, ରକ୍‌ଭିଲ୍, ମେରୀଲାଣ୍ଡ

ନମସ୍ତେ ମା ସରସ୍ୱତୀ ବିଦ୍ୟା ପ୍ରଦାୟିନୀ
ବୀଣାପୁସ୍ତକ ଧାରିଣୀ, ମରାଳ ବାହିନୀ
ତୁଷାରହାର ଧବଳା ବିଷ୍ଣୁଉଙ୍କ ଘରଣୀ
ରତ୍ନ ବିଭୂଷିତା କୁଳ କୁସୁମ ବରଣୀ ।

ଶ୍ୱେତ ପଦ୍ମାସନା ଦେବୀ ମଙ୍ଗଳକାରିଣୀ
ଶ୍ୱେତ ଚନ୍ଦନ ଚର୍ଚ୍ଚିତା ବିପତ୍ତିହାରିଣୀ
ବ୍ରହ୍ମା ଶଙ୍କର ବନ୍ଦିତା ତ୍ରିପୁରମୋହିନୀ
ନମୋଃ ନମୋଃ ଭଗବତୀ ଭାରତୀ ଭବାନୀ ।

ରୁକ୍‌ବେଦ ସମାନତା ମନ୍ତ୍ର

ସଂ ଗଚ୍ଛଧ୍ୱମ୍ ସଂ ବଦଧ୍ୱମ୍
ସଂ ବୋ ମନାଂସୀ ଜାନତାମ୍
ସମାନୋ ମନ୍ତ୍ରଃ ସମିତିଃ ସମାନୀ
ସମାନମ୍ ମନଃ ସହ ଚିତ୍ତମେଷାମ୍
ସମାନିବ ଆକୁତିଃ ସମାନା ହୃଦୟାନି ବଃ
ସମାନମସ୍ତୁ ବୋ ମନୋ ୟଥା ବଃ ସୁସହାସତି ।

ॐ saṃgacchadhwaṃ saṃvadadhwaṃ
saṃ vo manāṃsi jānatām ||
samāno mantraḥ samitih samānī
samānaṃ manaḥ sahacittameṣām ||
samanī va ākūtiḥ samānā hrdayāni vaḥ |
samānamastu vo mano yathā vaḥ susahāsati ||

May you move in harmony, speak in one voice; let your minds be in agreement;

May our purpose be the same; may we all be of one mind.

May our intentions and aspirations be alike, so that a common objective unifies us all

ॐसंगच्छध्वं संवदध्वं
सं वो मनांसि जानताम्
समानो मन्त्र: समिति: समानी
समानं मन: सहचित्तमेषाम्
समानी व आकूति: समाना हृदयानि व:|
समानमस्तु वो मनो यथा व:
सुसहासति ||

Special Programs at Hindu Temple Fall/Winter 2011

Children's Program on September 17, 2011

During our September month's bhajan program, a special time was allotted for children to showcase their knowledge in religious story-telling, bhajan singing, gita chanting etc. Several children including Debanjan and Debanshi Chowdhury, Renea Sen, Shashwati Das etc participated in the program. The Prasad was sponsored by Naresh and Bigyani Das.

Presenting singer Usha Bhargav on November 19, 2011

Dr Usha Bhargav, a resident of Pennsylvania and a devotee of Hindu temple is a blessed singer. Debaki Nandan Chowdhury had invited Dr Bhargav to our monthly bhajan program in November. JOGA also invited Mr Mahesh, another accomplished musician to play Tabla. JOGA devotees as well as Dr Bhargav made the evening a very memorable evening with their special talents in singing. The sponsors for November month's program were Debaki Nandan and Anjana Chowdhury, Sandip and Moushumi Pattnaik, and Ajay and Neeta Mohanty.

Mahamantra Program on December 18, 2011

More than 200 devotees thronged to Hindu temple on December 18, 2010 to participate in mahamantra chanting program organized by **Jagannath Organization for Global Awarness (JOGA).** After four hours of non-stop chanting of mahamantra everybody got Lord Jagannath's favorite chapana bhoga (fifty six items) mahaprasad prepared by volunteer devotees. It was the last bhajan program of the year and devotees were very generous in their services to the Lord. MrsTapati Dash (Nanda) had organized the chhapana bhoga.

(Pictures of devotees chanting mahamantra and chapan bhoga offerings)

Chirantana

Hare KRISHNA, Hare KRISHNA, KRISHNA KRISHNA, Hare Hare, Hare Rama, Hare Rama, Rama Rama, Hare Hare. These two lines were put into different musical vibrations by blessed singers and musicians of the Odia community as well as the temple community. Chanting brings focus as well as harmony to the body and mind system.

Chant mahamantra every day for a few minutes with complete devotion to God for a blissful life.

କୁଞ୍ଜେ ମୁରଲୀ ବାଜୁଛି

ବନମାଳୀ ଦାସ

କୁଞ୍ଜେ ମୁରଲୀ ବାଜୁଛି
ଗଲେ ହେବ ଅପବାଦ ନ ଗଲେ ମରୁଛି ଗୋ । ଘୋଷା ।
ଶାଶୁ ନଣନ୍ଦ ମୋହର ଦେଖି ନ ପାରନ୍ତି
ଯମୁନାକୁ ନୀର ଆଣିବାକୁ ନ ଛାଡନ୍ତି ଗୋ । ।୧।
ମଦନ ବାଣରେ ତନୁ ଘାରି ହେଉଅଛି

କି କରିବି କାହିଁ ଯିବି ଅସ୍ଥିର ହେଉଛି ଗୋ । ।୨।
ସେ ମୋହନ ବେଣୁଧର ପ୍ରାଣର ସଖାଳି
ଗୋପାଙ୍ଗନାମାନେ ବେଢି ଦ୍ୟନ୍ତି ହୁଳହୁଳି ଗୋ । ।୩।
କୁଳଛଡା ଘରବୁଡା ନାଗର କହ୍ନାଇ
ବୋଲେ ବନମାଳୀ ମିଛ ନୁହେଁ ପ୍ରାଣସହୀ ଗୋ । ।୪।

(ରାଗ - ଶଙ୍କରାଭରଣ । ତାଳ - ଆଠତାଳି)

Kunje Murali Bajuchi

Banamali Das

Kunje Murali Bajuchi
Gale heba apabAda na gale maruchi go |ghosA|
shAshu naNanda mohara dekhi na pAranti
JamunAku nIra AnibAku na chhADanti go |1|

Madana bANare tanu ghAri heuachhi
Ki karibi kAhin Jibi asthira heuchhi go |2|

Se mohana beNudhara prAnara sankhALi
GopAnganAmAne beDhi dyanti huLahuLi go |3|

kuLachhaDA gharabuDA nAgara kahnAi
bole banamALi michha nuhen prAnasahi go |4|

(raag – Shankarabharana | Taal – 8 beats)

POEMS/STORIES/ESSAYS

September 11- A Tale of Two Times

Nirlipta Daschaudhury, VA

A patriot saint and an intrepid Hindu Monk of India who dazzled the west by his fascinating personality, scintillating intellect and powerful oratory is non other than Swami Vivekananda. He was a rare personality, a dynamic and dedicated life in short span. His multifaceted life and work and the inspiring message were for the spiritual regeneration of India and world. A spiritual genius of commanding intellect and power, Vivekananda crammed immense labor and achievement into his short life.

Vivekananda was encouraged by J.H. Wright, a professor of Greek at Harvard University, to represent Hinduism in the 1893 World Parliament of Religions in Chicago. When he expressed reservations saying he had no credentials, the professor replied, "To ask you, Swami, for your credentials is like asking the sun about its right to shine." He wrote about Vivekananda to the chairman of the committee on selection of delegates, "Here is a man more learned than all our learned professors put together."

Accepting an opportunity to represent Hinduism at Chicago's Parliament of Religions on September 11, 1893, Vivekananda started his first address with the famous words, "Sisters and brothers of America." The 7,000 people in the audience, immediately feeling the depth of his sincerity, rose to their feet and according to reports, "went into inexplicable rapture with standing ovation and clapping that lasted for more than two minutes." When the applause subsided Swami began his speech by thanking the young

nation "in the name of the most ancient monastic order in the world, the Vedic order of sannyasins. He went on, “It fills my heart with joy unspeakable to rise in response to the warm and cordial welcome which you have given us. I thank you in name of the most ancient order of monks in the world; I thank you in the name of the mother of religions; and I thank you in the name of millions and millions of Hindu people of all classes and sects. I am proud to belong to a religion which has taught the world both tolerance and universal acceptance. We believe not only in universal toleration, but we accept all religions are true. I am proud to belong to a nation which has sheltered the persecuted and the refugees of all religions and all nations of the earth. I am proud to tell you that we have gathered in our bosom the purest remnant of the Israelites, who came to Southern India and took refuge with us the very year in which the holy temple was shattered to pieces by Roman tyranny. I am proud to belong to the religion which has sheltered and is still fostering the remnant of the grand Zoroastrian nation. I will quote to you, brethren, a few lines from a hymn which I remember to have repeated from my early boyhood , which repeated by millions of human beings : As the different streams having their sources in different paths which take through different tendencies, various though they appear, crooked or straight , all lead to Thee”

Swami Vivekananda burst into the world like an energizer to rouse men from their spiritual stupor by the boom of his powerful voice. His words seem to gain greater force as they roll down the years. As per Swamiji, religion deals with the truths of the metaphysical world just as chemistry and the other natural sciences deal with the truths of the physical world. The book one must read to learn chemistry is the book of nature. The book from which to learn religion is your own mind and heart. No one form of religion will do for all. Each is a pearl on a string. No person is born to any religion. Every person has a religion in his or her own soul. Each life has a current running though it, and this current will eventually take it to God. The end and aim of all religions is to realize God. The greatest of all training is to worship God alone. Renunciation, service and sacrifice were his watch words. And, an embodiment of renunciation that he was, he wore himself out in the service of “God in Man.”

Swamiji’s philosophy had influence on entire world. The first governor general of independent India, Chakravarti Rajagopalachari, once observed that "Vivekananda saved Hinduism, saved India." According to Subhas Chandra Bose, Vivekananda "is the maker of modern India" and for Mohandas Gandhi, Vivekananda's influence increased his "love for his country a thousand fold." Aurobindo Ghosh considered Vivekananda as his spiritual mentor. Many years after Vivekananda's death, Rabindranath Tagore a Nobel Poet Laureate had said, "If you want to know India, study Vivekananda. In him everything is positive and nothing negative." Romen Rolland, a French novelist and Noble prize winner of Literature once said –“Vivekananda’s words are great music, phrases in the style of Beethoven, stirring rhythms like the march of Handel choruses. I cannot touch these sayings of his at thirty years distance without receiving a thrill through my body like an electric shock”. He is a dynamic spiritual force to shape the future of humanity. In the great history of past thousand years, India has produced a great teacher in Swami Vivekananda who took India out of her isolation of centuries and brought her into the mainstream of international life.

Vivekananda's arrival in the USA has been identified as the beginning of western interest in Hinduism and as a vital religious and philosophical tradition that might actually have something important to teach the West. Above all Swami Vivekananda helped restore a sense of pride amongst the Hindus, presenting the ancient teachings of India in its purest form to a Western audience. His tour to west also had a revitalizing effect in India. Previously, those who had gone to the West from India were full of apologies for the state of their country. He was not. He always spoke about his country with pride and respect. Thus, his work in the West instilled self-respect and self-confidence in the Indian psyche and helped India in its search for identity. It also helped to overcome the stereotypes and deep-rooted prejudices about India in Westerners’ minds. Thus September 11, 1893 marked as an important date in history for the beginning of infusion of Hinduism into the West.

Most of us involved in spiritual pursuits known of the many mysterious coincidences that seem to come from time to time. Some of these experiences leave us momentarily speechless. Such a coincidence

exists with the date of Swami Vivekananda's message. It has been described the number 108 has great significance in East. This first message of Swami Vivekananda in America, was the first link connecting the Eastern and Western spirituality, was given on September 11, 1893, exactly 108 years, before the day September 11, 2001, the date of the bombing of the World Trade Center. Whether by coincidence or precognition, it calls out for a closer reading of Swami Vivekananda's message and it's appropriateness for our current times. One hundred and eight years apart – two separate messages emerge from two distant cultures in the shores of America. One attempts to create a bridge between the east and the west through the message of love and unity among all beliefs; the other that of hatred and massacre of innocent lives. The same date and the two differing messages "changed the world". The question for us is which message to adopt in our lives.

ସାଜ ସାଜ ଗୋ ସଜନୀ ଆଜ ଅଭିସାରିକା

ବିଜ୍ଞାନୀ ଦାସ, ଡେଟନ୍, ମେରୀଲାଣ୍ଡ ।

ସାଜ ସାଜ ଗୋ ସଜନୀ ଆଜ ଅଭିସାରିକା
ନୟନେ ଲଗାଇ କଳା କଜଳରେଖା ।ପଦ।

ବସନ୍ତେ ମଳୟ ବାୟୁ, କୋଇଲିର କୁହୁକୁହୁ
ବଇଁଶୀ ବଜାଇ ଶ୍ୟାମ ପକାଏ ଡକା ।୧।
ଆଜି ପରା ହୋରି ଖେଳ, କାହିଁକି କରୁ ଉଛୁର
ସେପଟେ ଅତି ଅଧୀର ମୁରଲୀଫୁଙ୍କା ।୨।
ସେପରା ମନବାନ୍ଧବ, ଜାଣନ୍ତି ସବୁ ସ୍ୱଭାବ
ମାନ ତେଜି ସଜନୀ ଲୋ ସାଜ ସେବିକା ।୩।
ସେ ଶ୍ୟାମ ପ୍ରେମରଙ୍ଗରେ ମନ ରଙ୍ଗାଇଲେ ଥରେ
ନଥିବ ଶୋଚନା, ହେବୁ ଶ୍ୟାମ ନାୟିକା ।୪।

Chhapana Bhoga Ceremony on 18th December 2011 at Hindu Temple

Report By Trupti (Tapati Dash, Gaithersburg, MD)

It comes once in a lifetime – the opportunity to organize the Chhapan Bhog program for Lord Jagannath – well, almost – if you do that in Puri. I came close – organizing that in Maryland, albeit, with full devotion both in thought and action. Let me share my experience with you.

What I did:

1. When I was asked to shoulder the responsibility, I felt crushed under the burden, but thought to myself "Hey what the heck? He gave me the opportunity to serve Him and He will see me through." Dragging a superior power to sharing your responsibility suddenly makes the load feel lighter. And there I was, setting forth with detached attachment.

2. I discussed with my friend, Purnima and drew inspiration from the previous year's coordination efforts. The seniors encouraged and guided me too.

3. I took the group mail id from Naresh Bhaina and prepared an invitation email for all the devotees. I included the vital information, i.e. date, time, brief description of the program and attached the Chhapan Bhog recipe details and list of names of devotees who prepared the Prasad last year.

4. All good things take time and so did this one. It took a while to get response from the devotees despite a couple of reminders. Then they start trickling in and soon there was a deluge. Well, not exactly, but I was glad I could finally attract some attention.

5. Word of mouth is the key. A word on the social media is even more powerful. I didn't let go an opportunity to invite that friend's friend who might be interested in such things. I was sending out emails relentlessly and adding those new contacts to the group email list for future reference.

6. A sumptuous prasad will go miles. The word about it can fetch people from miles away too. I was careful to mention the exact time of prasad distribution in all communications.

7. Well, keeping time is important too. The fact that we got to the spot 20 minutes before the pooja was to commence did not help the cause too much. But, by that time I had practiced the 'detached attachment' to perfection and remorselessly transferred the responsibility on to the Lord thinking that He was taking my test – how I could do everything in 20 minutes with a super-human capacity.

8. In most certainty, I failed the above test. But survived gracefully – thanks to the ubiquitous Indian Standard Time. When I arrived late, people arrived even later.

9. Eventually all arrived. Eventually we got hold of 56 glass bowls to put the offerings – thanks to Bandita Nani. Everything was perfect, eventually. Isn't God gracious?

10. Sometimes dinner takes precedence over aarti. People had the option to choose between instant gratification from the delicious prasad and the painful wait until after the aarti. Till today, opinion is divided on which option received a majority favor.

11. After the dinner was over, we tried to pack all left overs in ziplock bags. In the end, though, the dumpsters had a role to play.

12. Heart-felt "Thank You's" were the order of the day the next day. It must have taken a sizable bandwidth of my internet connection.

Mistakes and Suggestions:

1. Ignorance is bliss. Willful malice is not. Someone tried to send emails with wrong information about the venue and timing. Befittingly, the email received an unceremonious demise from people's attention. May it rest in peace in the cyber-morgue.

2. Decoration and preparation were haphazard due to our late arrival on the pooja day. The advent of technology has given us alarm clocks on our cell phones, but misses out the vital step of prodding us into complying.

3. Patience is virtue. If only we could have served all 56 items to all devotees that day cutting through the chaos.

4. Arranging the rice dishes, curry dishes, daal dishes, and the sweets on different tables would have added order to aesthetics.

5. Somebody should take the responsibility to encourage a bigger presence at the Kirtan.

6. Doors to the dinner area should be dead-bolted and would need an admin override to open before the designated dinner time.

7. Incidentals such as Ziploc bags, plates silverwares (read plastic knives and forks) is a shared responsibility.

Cleaning after the pooja is definitely a shared responsibility. If Puri maharaja can clean before Lord Jagannath, what stops you from stooping down and picking up?

Talent search Scholarship for 2012

JOGA in association with Maheswar memorial trust (MMT) conducted talent search examination for high school students in Bhadrak district, Orissa, India. Here are the pictures of students receiving award certificate and money. This year a total number of 417 students from 99 high schools appeared the examination held on December 18, 2011 at Govt. High School, Bhadrak, A.B. High School, Basudevpur; C.R.S High School, for Tihidi and Chandbali Block, and R.N. High School, Markona for Simulia Block. Among them the following students are selected to receive the scholarship on merit basis.

This is the list of awardees of Maheswar Memorial talent search examination 2012.

RURAL AREA		
1.	Mahabisweswar Das	Mahammadpur Highs School, Simulia
2.	Sabyasachi Panda	R.N.High school , Marcona
3.	Sourava Das	Okara High school, Arnnapal
4.	Ashutosh Mishra	K.C.V.M. Agarpada
5.	Sushree Chinmayee Priyasarshini Behera	Sialia High School
6.	Jyotirekha Mishra	Royal High School Maitapur
7.	Priyadarshini Patra	Chandigaon High School
8.	Supravati Mohanty	Lalajee H/S Sahada
9.	Soumya Sourava Sabat	Dashabhuja H/S Kanheibindha
10.	Debendra Kumar Sahu	Brahmapur H/S Ichhapur
11.	Tapas Kumar Das	Jagannathpur U. B. Jagannathpur

12.	Swadesh Behuria	Bapujee H/S Mahatabhnagar
13.	Biplab Biswal	R.N H/S Dolasahi
14.	Sanjay Kumar Pradhan	Julia High School
15.	Devidutta Pradhan	Govet Girls' H/S Tihidi
16.	Suvam Parhi	S.M H/S Eram
URBAN AREA		
17.	Shanti Darshan Ray	A.B H/S Basudevpur
18.	Paras Sahoo	Zilla School Bhadrak
19.	Krushna Basudev Ray	Saraswati Shishu Mandira Basudevpur
20.	Gitanjali Sahoo	D.N. Girls H/S Purunabazar

Bhajan Program sponsors: We thank all the families for regularly participating in bhajan program activities. Bhajan program consists of group bhajan singing, Arati, discussion and Prasad. On eventful occasions, special traditions are followed. **(Note: All the bhajan participants are requested to bring their JOGASUTRA book to the bhajan program to sing along group bhajans. If you have not received a book, please let us know.)** Our heartfelt thanks to the following families for sponsoring feasts on different months:

Shashadhar and Meera Mohapatra, MD
Debaki and Anjana Chowdhury, MD
Joy Gopal and Sulochana Mohanty, MD
Naresh and Bigyani Das, MD
Prabhat Panda and Pranati Dash
Sandip and Moushumi Pattnaik
Brahma and Sikha Sen
Asim and Sangeeta Dey
Hemant and Priti Biswal
Ajay and Neeta Mohanty

Wise Thoughts:

Enjoy when you can, and endure when you must.
- Johann Wolfgang von Goethe

It is always wise to look ahead, but difficult to look further than you can see.
- Winston Churchill

Optimism is the faith that leads to achievement. Nothing can be done without hope and confidence.
- Helen Keller

The antidote to frustration is a calm faith, not in your own cleverness, or in hard toil, but in God's guidance.
- Norman Vincent Peale

FOURTEENTH HOLI FESTIVAL

Organized by

Jagannatha Organization for Global Awareness (JOGA)

www.jogaworld.org

obhajan@yahoo.com

Date: March 10, 2012

Time: Saturday, 3:00 PM - 9:00 PM

Place: Hindu Temple Auditorium

10001 Riggs Road

Program:

- Holi procession of Deities
- Arati and Bhajan
- Cultural: Songs, Dances, Drama
- Prasad/Dinner

Special Presentations:

Drama: Pakhala Mahotsava

Contacts:

Joy Gopal Mohanty (410) 796-0608
Brahmapriya Sen (410) 531 1943
Bigyani Das (410) 531-7445
Meera Mohapatra (301) 879 8188
Hemant Biswal (703) 793 2632
Bandita Mishra (301) 540-4641
Arun Ojha (240) 715 1704
Debaki Nandan Chowdhury (301) 528-1919

Donations: *Family-$30, Single-$15*

Sponsorship:

Balabhadra Sponsor - $200.00
Subhadra Sponsor - $150.00
Jagannath Sponsor - $100.00
Nilachakra Sponsor - $50.00
(All donations are tax deductible)

Coordinators:

Melana:
Joy Gopal Mohanty –jgmohanty@yahoo.com
Sashadhara Mohapatra - smohapatra318@yahoo.com
Nrusingha Mishra: mishranc@verizon.net

Prasad:
Bandita Mishra – mishranc@verizon.net
Snigdha Hota - snigdha_hota@yahoo.co.in
Hemant Biswal – hbiswal@hotmail.com
Lalit Behera – beheralk@hotmail.com

Decoration:
Maushumi Patnaik - Maushumi_p@hotmail.com
Purnima Panda - purnimapanda@yahoo.com

Cultural Coordinators:
Sangeta Dey - sangeetadey@yahoo.com
Manaswini Sahu -manaswini_sahu@yahoo.com
Dharitri Banerjee –dharitribanerjee@gmail.com
Deepa Parija - deeparija@gmail.com
Susmita Sahu - ayassus@gmail.com
Surendra Ray – drsnray@aol.com
Maushumi Patnaik - Maushumi_p@hotmail.com
Bigyani Das – obhajan@yahoo.com

Direction to the temple: From I-95/I-495 CAPITAL BELTWAY, take New Hampshire Ave. exit, exit number 29A, towards Wheaton. Right turn to Powder Mill Rd at 3rd traffic light, Right turn to Riggs Rd, temple on your left before the bridge.

ମଣିଷ ଜୀବନରେ ସୁଖ ଆସେ, ଠିକ୍ ସକାଳ ସୂର୍ଯ୍ୟର ସୁନେଲି ରଙ୍ଗ ଭଳି; ସୁଖ ସୌନ୍ଦର୍ଯ୍ୟ ହୋଇଯାଏ । ମଣିଷ ଜୀବନରେ ଦୁଃଖ ଆସେ; ଦୁଃଖ ବି ସୌନ୍ଦର୍ଯ୍ୟ ହୋଇଯାଏ । ଦୁଃଖ ଭିତରେ ମଣିଷ ନିଜକୁ ଅଧିକ ବିଶ୍ଳେଷଣ କରିବାର ସୁଯୋଗ ପାଏ ଓ ଅନ୍ତର୍ମୁଖୀ ହୋଇ ସ୍ରଷ୍ଟା ଓ ସୃଷ୍ଟିର ସଂପର୍କକୁ ଅଧିକ ଅନୁଭବ କରେ । ସେ ସମୟରେ ତାର ଅନ୍ୟ ପ୍ରାଣୀମାନଙ୍କ ପ୍ରତି ମନରେ ଦରଦ ସୃଷ୍ଟି ହୁଏ ଓ ମନରେ ସ୍ୱତଃ ସହାନୁଭୁତି ଜାଗ୍ରତ ହୋଇ ତାର ଅନ୍ତରର ସୌନ୍ଦର୍ଯ୍ୟକୁ ବଢାଇବାରେ ସକ୍ଷମ ହୁଏ । ଲେଖକ ଓ କବି ମାନେ ପ୍ରାୟତଃ ଅନେକ ସମୟରେ ଅନ୍ତର୍ମୁଖୀ ହୋଇ ନିଜ ଅନୁଭବକୁ ସୃଷ୍ଟିର ରୂପରେଖ ମାଧ୍ୟମରେ ଉନ୍ମୋଚନ କରିଥାନ୍ତି । ସେମାନଙ୍କର ସେଇ ଆବେଗକୁ ନେଇ ଚିରନ୍ତନର ଏ ବିଶେଷ ବିଭାଗ, 'ଉନ୍ମୋଚନ' ର ଜନ୍ମ ।

୨୦୧୧ ମସିହା ଡିସେମ୍ବର ମାସ ସତର ତାରିଖରେ ୱାସିଂଟନ୍ ଡିସି ଅଞ୍ଚଳରେ ପ୍ରଥମଥର ପାଇଁ ଯୋଗ ସଂସ୍ଥାନ ତରଫରୁ ସାହିତ୍ୟଚର୍ଚ୍ଚା ଆରମ୍ଭ ହୋଇଥିଲା । ସେଇ ସାହିତ୍ୟଚର୍ଚ୍ଚାରେ କବିତାପାଠ କରାଯାଇଥିଲା । ସେଇଥିରୁ କିଛି କବିତା ଓ ଅନ୍ୟାନ୍ୟ କେତେକ କବିତାକୁ ନେଇ ଆମର ଏ ସ୍ୱତନ୍ତ୍ର ବିଭାଗକୁ ଆମେ ଆପଣମାନଙ୍କୁ ଭେଟି ଦେଉଛୁ ।

ବିଜ୍ଞାନୀ ଦାସ, ଡେଟନ୍, ମେରୀଲାଣ୍ଡ
ଜାନୁଆରୀ ୨୮, ୨୦୧୨

ସୂଚୀପତ୍ର

ମହାପ୍ରଭୁ ହେ	ଶଶଧର ମହାପାତ୍ର
ମିନତି	ସୁଲୋଚନା ପଟ୍ଟନାୟକ
ହେ ବଂଶୀଧାରୀ, ତୁମକୁ	ସୁଲୋଚନା ପଟ୍ଟନାୟକ
ହିମାଳୟ	ଗୋଦାବରୀଶ ମିଶ୍ର (ପାଠିକା - ସ୍ନିଗ୍ଧା ହୋତା)
ପାଉଁଶ	ଶିଖଣ୍ଡ ଶତପଥୀ
ସଂପର୍କ	ଶାଶ୍ୱତୀ ଦାଶ (ପାଠିକା, ତପତୀ ଦାଶ)
କିଏ ଜାଣିଛି କେତେ ସମୟ	ଜଗନ୍ନାଥ ଦାସ (ପାଠକ, ଜୟଗୋପାଳ ମହାନ୍ତି)
ବାରବାଟୀ ବକ୍ଷେ	ଶ୍ରୀ ଗୋଦାବରୀଶ ମହାପାତ୍ର (ପାଠିକା, ଦେବସ୍ମିତା ପାତ୍ର)
ଭାଗ୍ୟ ନିର୍ଦ୍ଦେଶକ	ଶାନ୍ତି ମିଶ୍ର
ଶପଥ	ସୁଲୋଚନା ପଟ୍ଟନାୟକ
ଶୁଭ ନୂଆବର୍ଷର ଅଲିଭା ପ୍ରଦୀପ	ବିଜ୍ଞାନୀ ଦାସ
ମୋ କାଳିଆରେ	ପ୍ରଶାନ୍ତ ଭୂୟାଁ
ଏକାଧାର	ପ୍ରଶାନ୍ତ ଭୂୟାଁ
ଜୀବନଛନ୍ଦ (୩)	ସତ୍ୟ ପଟ୍ଟନାୟକ

ସାହିତ୍ୟଚର୍ଚ୍ଚାର ପ୍ରାରମ୍ଭରେ ଆୟୋଜିକା ମିସେସ୍ ସୁଲୋଚନା ପଟ୍ଟନାୟକଙ୍କର ଉଦ୍‌ବୋଧନୀ – *ମେରିଲାଣ୍ଡ୍ ଓଡିଆ ସାହିତ୍ୟ ଆସରର ଆଜି ଅୟମାରମ୍ଭ । ଯୋଗ ସଂସ୍ଥାନ ତରଫରୁ ମୁଁ ସମସ୍ତଙ୍କୁ ସ୍ୱାଗତ କରୁଛି । ମନୁଷ୍ୟ ଏକ ଚିର ରହସ୍ୟମୟ ଶେଷହୀନ ଗ୍ରନ୍ଥ । ସାହିତ୍ୟ ତାର ଗନ୍ତାଘର । ଏ ଗନ୍ତାଘରର ଉନ୍ମୋଚନ ଜଣକ ପକ୍ଷରେ ସମ୍ଭବ ନୁହେଁ । ତେଣୁ ଆଜିର ଏ ଆସର ଆମ ସମସ୍ତଙ୍କର – ଉନ୍ମୋଚନ କରିବା ଗନ୍ତାଘର ।*



ମହାପ୍ରଭୁହେ !

ଶଶଧର ମହାପାତ୍ର
ମେରୀଲ୍ୟାଣ୍ଡ

ରତ୍ନ ସିଂହାସନେ ବସି ମହାପ୍ରଭୁ
ଦର୍ଶନ ଦେଉଛ ହସି
ଅନନ୍ତ ମହିମା ଅଧିକାରୀ ତୁମେ
ଆହେ ଶ୍ରୀକ୍ଷେତ୍ର ନିବାସୀ ।

ତୁମରି ଇଚ୍ଛାରେ ମିଳିଛି ପ୍ରଭୁହେ
ଜାୟା, ସନ୍ତାନ, ସନ୍ତତି
ତୁମରି ଆଶିଷେ ଭୋଗ କରୁଅଛି
ଧନ, ମାନ, ଯଶ, କୀର୍ତ୍ତି ।

ସଂସାର ଚଳୁଛି ତୁମରି ଇଚ୍ଛାରେ
ତୁମେ ହିଁ ଜଗତପତି
ତୁମକୁ ଦର୍ଶନ କରିଲେ ମିଳଇ
ଶାନ୍ତି, ପ୍ରେମ ଅନୁଭୁତି ।

କିଏ କରେ ତୁମ ନିନ୍ଦା ମହାପ୍ରଭୁ
କିଏ ଦିଏ ଫୁଲମାଳ
ପ୍ରକୃତ ଭକତ ଅଟେ ଏହା ସତ୍ୟ
ଯିଏ ତୁମ ପ୍ରେମେ ଭୋଳ ।

ଅଢେଇ ଦିନ ଏ ଜୀବନ ଭିତରୁ
ଦୁଇ ଦିନ ଗଲା ଚାଲି
ଜନମ, ମରଣ ଦିନ ଫେଡିଦେଲେ
ଅଧାଦିନ ରହେ ଖାଲି ।

ଅନେକ ଦିନରୁ ହଜିତ ଗଲେଣି
କେତେ ରଥୀ, ମହାରଥୀ
ଜୀବ ଯିବାଯାଏ ରଖିଥିଲେ ଲୋଭ
ଛଳନାରେ ଭାବ, ପ୍ରୀତି ।

ଉପରେ ହସନ୍ତି ସଭିଏଁ ଗୋସାଇଁ
ପେଟରେ ତାଙ୍କର ବିଷ
ଆଖି ବୁଜି କ୍ଷୀର ପିଅନ୍ତି ସମସ୍ତେ
କାମନାର ନାହିଁ ଶେଷ ।

ଦଦରା ନାଆଟି ଦିନେ ଭାଙ୍ଗିଯିବ
ଆଜି ନହେଲେବି କାଲି
ଆଜିକି ମରିଲେ କାଲି ଦିଦିନ
ସମସ୍ତେ ଯାଆନ୍ତି ଭୁଲି ।

ମିନତି

ସୁଲୋଚନା ପଟ୍‌ନାୟକ, ଏଲ୍କରିଜ୍, ମେରିଲାଣ୍ଡ୍

ତୁମେ ଚିରନ୍ତନ ସତ୍ୟ ସନାତନ
ତୁମେ ହିଁ କରୁଣା ସିନ୍ଧୁ
ତୁମକୁ ପାଇବା ଲାଗି ଭଗବାନ
ଏ ହୃଦ କାନ୍ଦୁଛି ବନ୍ଧୁ ।

ଜୀବନର ଗତି ବିଚିତ୍ର ଏ ଅତି
ଚାଲୁଛି, ଚାଲିବ ତୁମେ ଯହିଁ ଶକ୍ତି
କାହିଁ ଅଛ ତୁମେ କାହିଁ ତୁମ ମତି
ଶୁଣିକି ପାରୁନ କରୁଛି ମିନତି ?

ଶୂନ୍ୟ କର ମୋର ଗର୍ବ ଅହଂକାର
ଆଶୀର୍ବାଦ ଦିଅ କରେ ମୁଁ ଗୁହାରି
ସ୍ୱପ୍ନ ମୋର ତୁମ ସାଥୀ ହେବି ଚିର
ଏତିକି ପ୍ରାର୍ଥନା ହେ ବିଶ୍ୱବିହାରି ।

(ଏ ଲେଖାଟି ପୂର୍ବରୁ ପ୍ରକାଶିତ)

ହେ ବଂଶୀଧାରୀ ତୁମକୁ

ସୁଲୋଚନା ପଟ୍‌ନାୟକ, ଏଲ୍କରିଜ୍, ମେରିଲାଣ୍ଡ୍

ରାତି ଦେଖ ପାହିଗଲା
ମନର ଅନ୍ଧାର ସବୁ ଲୁଚିଗଲା
ଅହଲ୍ୟାର କାନ୍ଦ ଥମିଗଲା
ପୁଣି ଉଠିବା ଆଗରୁ ପରଦା ପଡିଗଲା ।

ସମସ୍ତେ ତରତର ହେଲେ ପିନ୍ଧିବାକୁ ବେଶ
ଟାଣିବାକୁ ମୁଖେ ତାଙ୍କ ନାୟକର ଭଙ୍ଗୀ
ଗତ ଗଲା ଅନ୍ଧାରକୁ କରିଦେଇ ପଛ
ହେବାକୁ ଏ ନୂଆ ଦିନେ ଆଲୋକର ସଙ୍ଗୀ ।

ମୋହନ ବଂଶୀର ଯାଦୁ ଘାରିଛି ସଭିଙ୍କୁ
ନାଚି ନଚାଉଛ ଆଜି ମୂର୍ଖ ଏ ଜାତିକୁ
କେବେ ପୁଣି ଅବତୀର୍ଣ୍ଣ ହେବ ଏ ଧରାରେ
ଗାଇବ ମୋହନ ବଂଶୀ ଅପୂର୍ବ ତା ସୁରେ ।

ଭୁଲିକି ଯାଇଛ ପ୍ରଭୁ ତୁମର ସୃଷ୍ଟିକୁ
ସତ୍ୟ ତ୍ରେତା ଦ୍ୱାପର ଆଉ ଏ କଳି ଯୁଗକୁ
ଦିନ ପରେ ଦିନ ଯାଏ ଅପେକ୍ଷାରେ ମୋର
ଶୁଣିବାକୁ ଆଉ ଥରେ ବଇଁଶୀର ସ୍ୱର ।

ଭେଟ ହେବ କେବେ ପୁଣି କିଭଳି ରୂପରେ
ଚିହ୍ନି କି ପାରିବି ମୁହିଁ ପରଳ ଆଖିରେ
ମିଥ୍ୟାରେ ଗଢା ଏ ଦେହ ମିଥ୍ୟା ଏ ଜୀବନ
ଅନେଶତ ଭାଗ ବିଷ ମୋର ଏ ଶରୀରେ ।

ଆଶା ମୋର ପାଇବାକୁ ତୁମ୍ଭରି ସାନ୍ନିଧ୍ୟ
ଉଦ୍ଧାରିବ ତୁମ୍ଭେ ଯଦି ଏ ଅଧମ ଦୀନ
ଅପେକ୍ଷା କରିବି ତେବେ ପ୍ରତିଶ୍ରୁତି ମମ ।
ତୁମ୍ଭ ପାଇଁ ବଂଶୀଧାରୀ ଜୀବ ହେବ ଧନ୍ୟ ।

ହିମାଳୟ

ଗୋଦାବରୀଶ ମିଶ୍ର
ପାଠିକା - ସ୍ନିଗ୍ଧା ହୋତା, ଏଲିକଟ୍ ସିଟି, ମେରିଲାଣ୍ଡ୍

ଅଜ୍ଞେୟ ହେ ହିମାଚଳ, ହେ ଦୁର୍ଜୟ ଅନବଲୋକିତ
କାଳର ଅନନ୍ତ ସୀମା ତୁମ କୋଳେ ସୀମିତ ସଂକିତ ।

ନଜାଣନ୍ତି ରବି ଶଶୀ ସେ ବିଚିତ୍ର ଗୋପନ କାହାଣୀ
କହ୍ତୁମେ ତୁମ କଥା ତୁମ ଛଡା କେ ପାରିବ ଜାଣି ।

ତୁଷାର କିରୀଟ ଦୀପ୍ତ, ଦେବତାତ୍ମା ହେ ନଗାଧିରାଜ
ଧରଣୀର ମାନଦଣ୍ଡ ଶୁଣୁଛକି କାହାର ଆବାଜ ।

କୋଟି ବର୍ଷ କୋଟି ଯୁଗ ଗଲା ବହି କାଳ ପାରାବାରେ
ଲଭିଥିଲ ଜନ୍ମ କେବେ ଇତିହାସ ନାହିଁ କହିପାରେ ।

ତୁମର ସେ ଧୃପ୍ତ ବୁକେ ଧୁର୍ଜଟିର ତାଣ୍ଡବ ନର୍ତ୍ତନ
ସେଦିନ ଆଣିଲା କିହ୍ନେ ଏ ଧରଣୀ ନବବିବର୍ତ୍ତନ ।

ସତ୍ୟର ସନ୍ଧାନ ଲାଗି ତୁମ କୋଳେ ଯୋଗାସନ ସାଧି
କେତେ ଋଷି ଯୋଗି ମୁନି ଲଭିଛନ୍ତି ଦୁରନ୍ତ ସମାଧି ।

ଉର୍ଦ୍ଧ୍ୱେ ଆଜି ଚନ୍ଦ୍ର କାନ୍ଦେ ସେ ମଗଂଳେ ପଡିଛି ଚହ୍ଳ
କେତେ କାଳ ଅଚଞ୍ଚଳ ଥିବ ତୁମେ କହ ହିମାଚଳ?

ମହାକାଶେ ମହାସତ୍ତା ପଞ୍ଚଭୂତ ପଡୁଛି ଉଛୁଳି
ବିଚ୍ଛୁରିତ ଚାରିଦିଗେ ବିଜ୍ଞାନର ବଜ୍ର ଓ ବିଜୁଳି ।

ଫେରି ରଣାଙ୍ଗନୁ ପରା ଧର୍ମରାଜ ଯୁଧିଷ୍ଠିର ଥରେ
ଯାଇଥିଲେ ଶାନ୍ତି ଖୋଜି ତୁମର ସେ ନିଗୁଢ ବକ୍ଷରେ ।

ଫେରିତ ଅଇଲେ ନାହିଁ ହିମାଦ୍ରି ହେ ଶାନ୍ତି ବାର୍ତ୍ତା ଘେନି
ଅଶାନ୍ତ ଏ ବିଶ୍ୱ ବୁକେ କିଏଦେବ ଆଶ୍ୱାସନା ବାଣୀ ।

ଏପାଖେ କୃଷ୍ଣାଭ ସୃଷ୍ଟି ସେ ପାଖରେ ପିତାଭ ଧରଣି
ମଧ୍ୟେ ତୁମେ ମହାମେରୁ ବିସ୍ତାରିତ ଶୁଭ୍ରଶୃଙ୍ଗ ଶ୍ରେଣୀ ।

ତୁମ ଶୃଙ୍ଗ ଶୀଖେ ଟେକି କହେ ତେଣୁ ସେ ମାଓ-ସେ-ତୁଂ
ତୁଷାର କିରୀଟ ରାଜି ଚୁରିଦେବ କରି ଲାଲ ରଙ୍ଗ ।

ବିଶ୍ୱ ପରିତ୍ରାଣ ପାଇଁ ଆଜି କିଏ ଆସି ଆଉଥରେ
କିଏ ହେବ ଅବତୀର୍ଣ୍ଣ ତୁମର ସେ ପବିତ୍ର ବକ୍ଷରେ ।

ଶଙ୍କର କି ଦେବେ ଦେଖା ଓହ୍ଲାଇ ସେ କୈଳାସ ପର୍ବତୁ
ଅବା ଉମା ହୈମବତୀ ତାରିବେ ଏ ଦୁର୍ଗତିର ପଥୁ ।

ଦିନେ ତବ ପାଦ ତଳେ ପ୍ରତିଧ୍ୱନି ଉଠିଲା ଉଜାଣି
ସତ୍ୟ, ଶାନ୍ତି ସାମ୍ୟ ମୈତ୍ରୀ ଅହିଂସାର ପୁତମନ୍ତ୍ର ବାଣୀ ।

ଲଙ୍ଘି ଏ ତୁଷାର ସୀମା ଆରପାରେ ବାଜିଲା ଗୌରବେ
ନଥିଲା ସୀମାର ବାଦ ଶାକ୍ୟମୁନି ଗାଉଥିଲେ ଯେବେ ।

ସତତ ଶଙ୍କିତ ଏହି ଜାତିଷ୍ଣୁରେ ବଡ ଭାଗ୍ୟବାଦୀ
ଲଙ୍ଘୁ ତୁମ ପକ୍ଷ ପୁଣି ଥିଲା ଦିନେ ଜାହ୍ନା ଶକ୍ରଛେଦି ।

ରୋଷ ବିଗଳିତ ସ୍ରୋତେ ଦିଅ ତୁମେ ସକଳେ ଭସାଇ
ଲାଲ ପିତ କୃଷ୍ଣ ରେଖା ଲଢେଇରେ ଆଗଭର ହୋଇ ।





ପାଉଁଶ

ଶିଖଣ୍ଡ ଶତପଥୀ

ଅବଧୂତ ଯୋଗୀଙ୍କର ଚବିଶ ଜଣ ଗୁରୁ ଥିଲେ, ଯାହାଠାରୁ ସେ ଅନେକ କଥା ଶିଖିଥିଲେ । ଏ ବିଷୟର ଅବତାରଣା କରି ମୋ ବୋଉ ଥରେ କହିଲା ଯେ ସଜୀବ, ନିର୍ଜୀବ ସମସ୍ତଙ୍କ ଠାରୁ ଆମର କିଛି ନା କିଛି ଶିଖିବାର ଥାଏ । ସାଙ୍ଗେସାଙ୍ଗେ ମୁଁ ଯୁକ୍ତି କରି କହିଲି, ସାପ ବା ପଥର ଠାରୁ ମଣିଷ କଣ ଶିଖିବ? ବୋଉ କହିଲା, "ସାପ ସାଧାରଣତଃ କାହାର ଅଯଥା କ୍ଷତି କରେ ନାହିଁ; ବିପଦ ଆସିଲେ, ପ୍ରଥମେ ଫଣାଟେକି ଡରାଏ; ତଥାପି ଯଦି ସେ ଆକ୍ରମଣର ଆଶଙ୍କା କରେ, ତେବେ ଯାଇ ଆକ୍ରମଣ କରେ । ସେମିତି ମଣିଷ ମଧ୍ୟ କାହାର ଅଯଥା କ୍ଷତି କରିବା ଅନୁଚିତ୍, କିନ୍ତୁ ନିଜକୁ ରକ୍ଷାକରିବାର ସାମର୍ଥ୍ୟ ରଖିଥିବା ଦରକାର୍ । ସେମିତି, ପଥର ଠାରୁ ମଣିଷର ଧୈର୍ଯ୍ୟ ଓ ସ୍ଥିରତା ଶିଖିବାର ଅଛି ।" ବୋଉକୁ ତ ଯୁକ୍ତିରେ ପାରିଲି ନାହିଁ, କିନ୍ତୁ ମନେମନେ ଏହାର ପ୍ରତି-ଉଦାହରଣ ଖୋଜି ଚାଲିଲି । ଥରେ ମନକୁ ଆସିଲା, ପାଉଁଶ ଠାରୁ ମଣିଷ କଣ ଶିଖିପାରେ? ପାଉଁଶକୁ ଏ କଥା ପଚାରିବାରୁ, ପାଉଁଶ ମୋତେ ଉତ୍ତର ଦେଲା ...

ତମେ ଭାବିଛ,
ମତେ ଖାଁଚି ଖାଁଚି କାଢିଦେବ
ଚମ ଉତାରିଲା ପରି
ଜଳନ୍ତା ଅଙ୍ଗାର ଉପରୁ
ବହ୍ନି ଟାକୁ ଲେଲିହାନ୍ କରି
ଟାଣିନେବ ଉଷ୍ଣତା ସବୁ
ଅନ୍ତରରୁ ପଳପଳ କରି ॥

କ୍ଷଣିକ ପୁଲକରେ
ନିଜକୁ ହରାଇ
ଭୁଲିଯିବ ମୋ'ର ସତ୍ତା
ଚିଂଗାରୀ ମୁଖେ
ଚୁଂବନ ଦେଇ ॥

ନିଆଁଟା ଦାଉଦାଉ ଜଳିଗଲା ପରେ
ଅତୃପ୍ତିର ତୃଷା ମେଣ୍ଟି ଗଲା ପରେ
ରାତ୍ରିର ନିଶବ୍ଦ ପ୍ରହରରେ
ଶେଷ ଅଙ୍କର ଯବନିକା ପଡିଗଲାପରେ
ତପ୍ତ କୋହ ବୁକେ ଧରି
ମୁଁ ରହିଥିବି
ଅସ୍ପର୍ଶ ପାଁଉଶ ॥

ମୋ' ଠାରେ ସବୁ କିଛି ଲୀନ
ସମସ୍ତଙ୍କ ଶେଷ ପରିଣତି,
ଆକୃତି ବିକୃତିର
ଲୋଭର ବିତୃଷ୍ଣାର
ପ୍ରେମର ଇର୍ଷାର
ଆଶାର ହତାଶାର, ମୁଁ
ଅବଶିଷ୍ଟହୀନ ଅଭିବ୍ୟକ୍ତି ॥

ମୃତ୍ୟୁ ଧୃବଂ ହି ଜାତସ୍ୟ
ମୁଁ ହିଁ ସେହି ଚିରନ୍ତନ ସତ୍ୟ
ତମେ ସିନା ଯିବ ଜଳି
ମୋ'ର ଆଉ ଜଳିବାର ନାହିଁ
ମୋ' ଠାରେ ସବୁରି ବିଲୟ
ତୁମର ମୁଁ ଶେଷ ପଂକ୍ତି
ସମାପ୍ତ ଅଧ୍ୟାୟ ॥

ସଂପର୍କ

ଶାଶ୍ୱତୀ ଦାଶ

ସଂପର୍କ ଏକ ପ୍ରୀତି ଫୁଲ
ଟିକିଏ ଆଘାତ ପାଇଲେ ମଉଳି ଯାଏ
ଟିକିଏ ସ୍ନେହ ସ୍ପର୍ଶରେ ହଳଦୀବସନ୍ତ
ଡେଣା ମେଲି ଉଡି ବୁଲେ
ଜୀବନ ଯୌବନରୁ ପ୍ରାପ୍ତ ବୟସ ଯାଏ
ଦୂରତ୍ୱକୁ ଲିଭେଇଯାଏ
ମନର ସନ୍ଦିଗ୍ଧରେ ଘର କରି ରହିଥାଏ
ମା'ର ପଣତ କାନିରୁ ପ୍ରେମିକର ପ୍ରେମ ପର୍ଯ୍ୟନ୍ତ
ସୂର୍ଯ୍ୟମୁଖୀର ଏକାଗ୍ରତାଠାରୁ ବିରହୀ ବଧୂର ମଧୁଶଯ୍ୟା ପର୍ଯ୍ୟନ୍ତ
ସେ କେତେବେଳେ ଲକ୍ଷ୍ୟାବତୀର ଲକ୍ଷ୍ୟା ତ
ଆଉ କାହା ହୃଦୟରେ
ଅଭିମାନୀ ଚିରସ୍ରୋତା ନଦୀଟିଏ ହୋଇ ବହିଚାଲେ
କାହାପାଇଁ ଶୁଷ୍କ ମରୁଭୂମିର ମରିଚିକାଟିଏ
ତ କାହାପାଇଁ ବେଳାଭୂଇଁର ନୀଳ ଢେଉଟିଏ
ମଥା ପିଟି ପିଟି କ୍ଳାନ୍ତ ହୁଏ
ହଜିଯାଏ ନିଃଶବ୍ଦ ସେଇ ସାଗର ବକ୍ଷରେ
ଚାହିଁ ମଧ୍ୟ ସଜାଡି ହୁଏନା କି ସଜେଇ ହୁଏନା
ବୁଝିପାରି କେବେ ତାକୁ ବଝେଇ ହୁଏନା
ଚାହିଁଲେ ବି ଭାଙ୍ଗି ଦେଇ ଦୁରେଇ ହୁଏନା
ଅନ୍ୱେଷଣେ କେବେ ସିଏ ପ୍ରାପ୍ତ ହୁଏନା
ପାଇଲେ ବି ତାକୁ କେହି ସାଇତି ପାରେନା
ଆଉ ଯଦି ମନ ମାନେ
ମୁହୂର୍ତ୍ତକେ ବାନ୍ଧିନିଏ ଅନୁମତି ମାଗେନା
ଏଇ ତ ସଂପର୍କ
ଏଇ ତ ସଂପର୍କ ତୁମ ମୋ ହୃଦୟର
ପ୍ରୀତିଭରା ପରଶର
ଜୀବନର ଆଦିଠାରୁ ଅନ୍ତିମ ଶରଶଯ୍ୟା ପର୍ଯ୍ୟନ୍ତ ।

କିଏ ଜାଣିଛି କେତେ ସମୟ

(ଜଗନ୍ନାଥ ପ୍ରସାଦ ଦାସଙ୍କ ଲିଖିତ 'ଶ୍ରେଷ୍ଠ କବିତା' ପୁସ୍ତକରୁ ଉଦ୍ଧାରିତ)
ପାଠକ - ଜୟଗୋପାଳ ମହାନ୍ତି

କିଏ ଜାଣିଛି କେତେ ସମୟ ନେଇ
ସନାତନ କାଳ ଅନନ୍ତ କାଳ
କେତେ କ୍ଷଣର ସମନ୍ୱୟରେ ଚିରନ୍ତନ
କିଏ କହି ପାରିବ ସୀମାହୀନର ଦୂରତ୍ୱ କେତେ
ହାତ ବଢାଇଲେ ନା ଆଲୋକ ବର୍ଷ
କାହାକୁ ଜଣା ଚିରକାଳ କିପରି ମାପି ହେବ
ମୁହୂର୍ତ୍ତରେ ନାଁ ଦିନ ମାସ ବର୍ଷରେ
ଦଶନ୍ଧିରେ ନାଁ ଶତାବ୍ଦୀରେ
ସମୟର ପରିମାପ କଣ
ଲୀତା ବିଲୀତା ନାଁ ଅସଂଖ୍ୟ ତ୍ରିକାଳ
ମହାକାଳକୁ ବନ୍ଦ କରି ହେବ
ଷ୍ଟପ୍ ୱାଚ୍‌ରେ ନାଁ ଇତିହାସରେ

ଦୂରାନ୍ତରକୁ ଯିବାର ରେଲ ଲାଇନ ସବୁ
ନିଜ ନିଜର ସମାନ୍ତରତାରେ ସଂପନ୍ନ
ରେଲଗାଡି ଅତିକ୍ରମ କରି ଯାଉଛି
ଷ୍ଟେସନ୍ ପରେ ଷ୍ଟେସନ୍
ଗୋଟିଏ ଦିଗ୍‌ବଳୟ ପରେ ଅନ୍ୟ ଦିଗ୍‌ବଳୟ
ଶୂନ୍ୟ ସ୍ଥାନ ପରେ ଶୂନ୍ୟ ସ୍ଥାନ
ଡବା ଭିତରେ ଯାତ୍ରୀ ହାତଘଡିରେ ସମୟ ଦେଖୁଛି
ଏବଂ ପୁଣି ନିଶ୍ଚିନ୍ତ ଶୋଇ ଯାଉଛି
ଦୁଃସ୍ୱପ୍ନ ଭିତରେ ଚାଲି ଯାଉଛି
ଶୁନ୍‌ଶାନ୍ ଭୌତିକ ଷ୍ଟେସନ୍ ସବୁ
ପ୍ଲାଟ୍‌ଫର୍ମ୍‌ରୁ ପ୍ଲାଟ୍‌ଫର୍ମ୍‌କୁ ଡେଇଁ ଯାଉଛି
ଶେଷ ରାତିର ଏକ୍ସପ୍ରେସ୍ ଟ୍ରେନ୍

ଫେରିବାର ଫାଟକ ସବୁ ବନ୍ଦ
ଝରକା ଆରପାଖେ କାହାର ଅଦୃଶ୍ୟ ହାତ
ହାତକୁ ବଢାଇ ଦେଉଛି ଆଗକୁ ଯିବାର ଟିକେଟ୍
ଫେରି ଚାହିଁବାର ବେଳ ନାହିଁ
ଅନିର୍ଦ୍ଦିଷ୍ଟ ରେଲଗାଡି କ୍ରମାଗତ ଅଗ୍ରସର
ଷ୍ଟେସନ୍‌ରୁ ଷ୍ଟେସନ୍ ଆଗରୁ ଆଗକୁ
ସକାଳରୁ ସଞ୍ଜ ଚେତନାରୁ ଅବଚେତନାକୁ

ଘରେ ପହଞ୍ଚିବାର ଟେଲିଗ୍ରାମ୍ ନିରୁଦ୍ଦିଷ୍ଟ
ପ୍ଲାଟ୍‌ଫର୍ମରେ କେହି ନାହିଁ
କେବଳ ଦୁଃସ୍ୱପ୍ନରେ ଦେଖିଥିବା ଅନ୍ୟ ଦେଶ
ଖାଲି ଷ୍ଟେସନର ପରିତ୍ୟକ୍ତ ଲାଇନ୍ ଉପରେ
ଅଭ୍ୟାସବଶତଃ ରେଲଗାଡି ରହୁଛି କ୍ଷଣେ ମାତ୍ର
ଏବଂ ପୁଣି ଚାଲି ଯାଉଛି ଅସ୍ପଷ୍ଟ ହୋଇ
ଧୂଆଁର ଉଦ୍‌ଗାର ଭିତରେ

ରାସ୍ତା ସାରା ସିଗ୍‌ନାଲ୍ ପରେ ସିଗ୍‌ନାଲ୍
ଲାଲ ପରେ ସବୁଜ, ସବୁଜ ପରେ ଲାଲ
ଆତଙ୍କ ଭିତର ଦେଇ ଆଗକୁ ଯାଉଛି
ଦ୍ରୁତଗାମୀ ମେଲ୍ ଗାଡି
ଯାତ୍ରୀକୁ କିଛି ଜଣା ନାହିଁ
କେତେ ରାସ୍ତା ବାକି କେତେ ଅତିକ୍ରାନ୍ତ
କେତେ ସମୟ ବ୍ୟତୀତ
କେତେ ଭାବନାର ସମଷ୍ଟିରେ ସଂପୂର୍ଣ୍ଣତା
କେତେ ଲବ ମୁହୂର୍ତ୍ତ ନିମେଷକୁ ନେଇ
ଯୁଗ ଏବଂ ସମ୍ବତ୍ସର
ନିତ୍ୟ ଶାଶ୍ୱତର ବିସ୍ତାର କେତେ
କେତେ ଘଡି ଯାବତ୍ ଚନ୍ଦ୍ରାର୍କ
ଷ୍ଟେସନ୍‌ରୁ ଷ୍ଟେସନ୍ ମଝିରେ
ସନ୍ତକ ଲେଖିଯିବ କେଉଁଠାରେ
କ୍ୟାଲେଣ୍ଡର୍ ପୃଷ୍ଠାରେ ନାଁ ମିଉଜିୟମ୍ କାନ୍ଥରେ

ଅନ୍ଧାର ଭିତରେ ଓଠରେ ହାତ ଦେଇ
ସମୟ ଅପେକ୍ଷା କରି ରହିଛି ଶେଷ ଷ୍ଟେସନ୍‌ରେ
ନିଜର ପ୍ରତିଶ୍ରୁତିମାନଙ୍କୁ
ନିଜ ଭିତରେ ସ୍ୱୟଂସଂପୂର୍ଣ୍ଣ କରି
ଆକାଶରୁ ଖସି ପଡୁଥିବା ଉଲ୍‌କା ଚିନ୍ତାଗ୍ରସ୍ତ
କେତେ ମୁହୂର୍ତ୍ତ ଆଉ ଚିରନ୍ତନ ।

ବାରବାଟୀ ବକ୍ଷେ

ଲେଖକ- ଶ୍ରୀ ଗୋଦାବରୀଶ ମହାପାତ୍ର
ପାଠିକା-ଦେବସ୍ମିତା ପାତ୍ର, ଲରେଲ, ମେରୀଲାଣ୍ଡ

ଉତ୍କଳ ବୁକେ ପାନିପଥ ମୋର କଥାକହ୍ନ ବାରେ ବାରବାଟୀ,
ରକ୍ତ ଉଜଳ କୋହୀନୂର କଣା ଧୂଳୀ ତୋର ଖାଲି ନୁହେଁ ମାଟି,
ଦମ୍‌ଦମ୍ ବୁକୁତଳେ ଉନ୍ମୁଖେ ଶମଶାନ ନିଆଁ ଉଠେ ଜଳି,
ସଙ୍ଗୀତ ମୋର ଯଉବନ ବନେ କଂପନ ଆଣେ ତାନ ତୋଳି ।

ଅସ୍ତ ଶିଖରୀ ପରପାରେ ରବି ଯାଆନା ଯାଆନା ଚାହାଁ ଥରେ,
ଢାଳିଦେ'ରେ ତୋର ତରଳ ଅନଳ ଗରଳ ଏ ମୋର ଅନ୍ତରେ,
ଉଦ୍‌ଗାରୀ ବିଷ ଏମତା ମଣିଷ ଦେଶେ ବସି ଗୀତ ଗାଇ ସାରେ,
ହସାଇ ପାଷାଣ ପ୍ରେତ ପ୍ରତିମାରେ ମରଣ ମଧୁର ଅଭିସାରେ ।

ବାରବାଟୀ ମୋର ଜୀବନ ତୀର୍ଥ ମହିମା କ୍ଷେତ୍ର ଓଡିଶାର,
ବିପୁଳ ଗର୍ବ କରିଲୁ ଖର୍ବ କେତେ ରାଜା କେତେ ବାଦ୍‌ଶା'ର,
ଟଳିଲା ଭୂଧର ଭେଦି ପାରାବାର ଚଳିଲା କେତେ ଯେ ରଣତରୀ,
ଆକୁଳ ବିହାରେ ଗଜପତି କରେ ଉଡିଲା କେତନ ଥରି ଥରି ।

ଝମଝମ୍ ଯେବେ ବୀର ଗଉରବେ କର କରବାଳ ଥରେ ଥରେ,
ଜାହ୍ନବୀ ତୀରୁ ପାନ୍ନାର ପାରେ ଚମକାଇ ଦେଲା ଯବନରେ,
ବାରବାଟୀ ମୋର ଓଡିଶା ଚିତୋର ବୁକୁଚିରା ତୋର ସଙ୍ଗୀତ,
ଦୁଃଖ ଶୋକରେ, ମରଣ ଲୋକରେ ଜଳିଲା ଜୀବନ ଇଙ୍ଗିତ ।

ମଡାଘରେ ବସି, ଆସ ବିଶ୍ୱାସୀ, ଗଣିବା ଏ ରେଣୁ ଗୋଟିଗୋଟି,
ଏ କ୍ଷୀଣ ରେଣୁରେ ଜୀବନ ବେଣୁରେ ଗାଇ ଉତ୍କଳ ଜୟଗୀତି,
ଏ ବାୟୁ ଲହରେ ପାଇକ ବିହରେ ପାଇକ ତରୁଣୀ କହେକଥା,
ଏ ମଧୁ ଅଧରେ ଚୁମ୍ବନ ଭାରେ ଅସି ତଳେ ପାତି ଦେଇ ମଥା ।

ଜଳ ଜଳ ଜଳ ଜଳରେ ଅନଳ ଉଠ ଆଗ୍ନେୟ ଗିରି ତଳୁ,
ଶତ ବରଷର କୋଟି କଙ୍କାଳ ରୁଦ୍ଧ ବାସନା ଫୁଟି ପଡୁ,
ଉଚ୍ଛୁଳୁ ରୁଧିର, ବୀର ବାରିଧିର ପ୍ରାଣ ମନ୍ଦିର ଚହଲାଇ,
ମରଣ ଶଙ୍ଖ ଚିର ନିଶଙ୍କ ବାଜୁ ଚଞ୍ଚଳ ବେଳ ନାଇଁ ।

ଭାଗ୍ୟ ନିର୍ଦ୍ଦେଶକ

ଶାନ୍ତି ଲତା ମିଶ୍ର, ରଚେଷ୍ଟର, ମିନେସୋଟା

ତୁମକୁ ଚିହ୍ନିବା, ତୁମକୁ ଜାଣିବା କେବେ ନୁହେଁ ତ ସହଜ ।
ଗୁପ୍ତ ପରିଚୟେ ଅଜେୟ ଶକ୍ତିରେ, ସଂସାର ଚାଳିଛ ଏ ଯାବତ୍ ॥ ୧ ॥
ନିଜ ହାତେ ବାନ୍ଧି ଡୋରି, ହେଲ ଯେବେ ମୋର ଭାଗ୍ୟ ନିର୍ଦ୍ଦେଶକ ।
ଅନୁରୋଧ ହେବାକୁ ମୋ, କାଳେ କାଳେ ପଥ ପ୍ରଦର୍ଶକ ॥ ୨ ॥
ପାପ ଭାବି ପୂଣ୍ୟ, ପୂଣ୍ୟ ଭାବି ପାପ କରିଛି ଅନେକ ।
ଭଲ, ମନ୍ଦ ବିଚାର ଜଣା ନାହିଁ ତ ପାର୍ଥକ୍ୟ ॥ ୩ ॥
ପରିହାସ କରିଛ ଯେତକ, ଆଶ୍ୱାସ ବି ଦେଇଛ ସେତକ ।
ପ୍ରଶଂସକ ଅଛନ୍ତି କି ନାହିଁ ମୋର, ଜାଣେ ଅଛନ୍ତି ନିନ୍ଦୁକ ॥ ୪ ॥
ଅନ୍ଧାର ଭିତରେ ଦେଖାଇଛ ଆଲୋକ ଅନେକ ।
ଜ୍ୟୋତି ଅପସାରି ନେଇ ଅନ୍ଧାରେ କରିଛ ବି ପଥ ଭ୍ରଷ୍ଟ ॥ ୫ ॥
ବିନା ଦୋଷେ ଦଣ୍ଡିଅଛ ମତେ ନିଶ୍ଚୟ ଅନେକ ।
ଅକ୍ଷମଣୀୟ ହଜାର ଦୋଷକୁ ଆଖି ବୁଜି ନିରବେ ସହିଛ ॥ ୬ ॥
ସ୍ନେହ, ଶ୍ରଦ୍ଧା, ଭକ୍ତି ବିନିମୟେ ମତେ ଅନେକ ଦଣ୍ଡିଛ ।
ନିଷ୍ଠୁରତା ବିନିମୟେ ମୋର, କ୍ଷମା ସାଗର ବୁହାଇଛ ॥ ୭ ॥
ଏ ଜଗତେ ଭଲ ତୁମ ଦେଖି ଅଛି ମନ୍ଦ ବି ଦେଖିଛି ।
କିଏ ତୁମେ ! ପରିଚୟ ତୁମ ଜାଣିବାକୁ ଜିଜ୍ଞାସା ଜାଗିଛି ॥ ୮ ॥

ଶପଥ

(୨୦୧୨ ନୂଆ ବର୍ଷ ଉପଲକ୍ଷେ)

ସୁଲୋଚନା ପଟ୍‌ନାୟକ
ଏଲ୍କରିଜ୍, ମେରିଲାଣ୍ଡ୍

ନୂଆ ଦିନ ନୂଆ ଏ ବରଷ
ଭରିଦେବ ନୂଆ ଜାଗରଣ
ସକାଳର ସୁନେଲୀ ଆଲୋକ
ଆଣି ଦେବ ନୂଆ ଶିହରଣ ।

ଏଗାର ଯାଉଛି ଚାଲି
ଗତି ତାର ଶିଥିଳ ହେଲାଣି
ପରାଣେ ପୁଲକ ଭରି
ପୁରୁଣାରେ ଦିଅ ଗୋ ମେଲାଣି ।

କାଲିକାର ଦୁଃଖ ଦ୍ୱେଷ ଅଭିମାନ ଯେତେ
ରାତିର ଅଂଧାରେ ତାକୁ ଶୋଇବାକୁ ଦିଅ
ପୁରୁଣାରେ ମାନ କଲେ ଲାଭ କିଛି ନାହିଁ
ଆଶାୟୀ ମୁଁ ଅଜଣାରେ କରେ ଅନୁନୟ ।

ଆଶାରେ ବାନ୍ଧିଛି ସେତୁ ଲଂଘିବି ମୁଁ ବାଧାର ସମୁଦ୍ର
ଦୃଢ ମୋର ମନ ଆଜି ଦୃଢ ମୋର ପଣ
ପାଶେ କିଛି ଥାଉ ବା ନ ଥାଉ
ପୁତ୍ର କନ୍ୟା ସ୍ୱାମୀ ମୋର, ଆଗେ ଏଇ ଜୀବନର ରଣ ।

ଯେତେ ସବୁ ଦୁଃଖ ଓ ଦରଦ
ସମୟର ସାଥେ ଦେଇଥିଲେ କରତାଳି
ଆଜିର ଏ ନୂତନ ଦିନରେ
ପୁରାତନ କବରରେ ସମାଧି ନେଲେଣି ।

ତୁମେ ଯେବେ ହାତ ଦେଲ ଗଢିବାକୁ ନୂତନ ବଂଧୁତା
ହଜିଗଲା ଲିଭିଗଲା ବ୍ୟଥା ମୋର ଦରଦୀ ହୃଦୟୁ
ଧରିବାକୁ ନାହିଁ ବଳ ଆଖି ଲୁହେ ଝଲମଲ
ସୁଖର ଏ ଲୁହ ବଂଧୁ ମନ ଭରି କାନ୍ଦିବାକୁ ଦିଅ ।

ଶୁଭ ନୂଆବର୍ଷର ଅଲିଭା ପ୍ରଦୀପ

ବିଜ୍ଞାନୀ ଦାସ, ଡେଟନ୍, ମେରୀଲାଣ୍ଡ

ଜାନୁଆରୀ ୧, ୨୦୧୨ ଉପଲକ୍ଷେ

(୧)
ଅଲିଭା ପ୍ରଦୀପ

ସତ୍ୟ କି ସ୍ୱପ୍ନ
ମୁଁ କିଛି ବିଚାର କରେନି
ମନରେ ଭଲ କଥାଟିଏ ଭାବିଦେଇ
ମୁଁ ଆପେ ଆପେ ଖୁସି ହୋଇଯାଏ
ମୋ ମନର ରାଣୀ ମୁଁ, ସାମ୍ରାଜ୍ଞୀ ମୁଁ,
ମୋ ଇଚ୍ଛାଶକ୍ତି ଏକ ଅଲିଭା ପ୍ରଦୀପ,
ଅଭେଦ୍ୟ ଦୁର୍ଗ
ବାହାରର କୌଣସି ଶକ୍ତି
ମୋ ଇଚ୍ଛା ବିରୁଦ୍ଧରେ
ମୋ ମନକୁ ଛୁଇଁ ପାରନ୍ତିନି ।

ସାଙ୍ଗଟିଏ ବାଛିବି କି ଶତ୍ରୁଟିଏ ବାଛିବି
ଭଜନ ଗାଇବି କି
କା ନାଁରେ ମିଛ କହି କୁସ୍ତା ରଚିବି
କାହାପାଇଁ ସୁପାରିସ୍ ପତ୍ର ଲେଖିବି କି
କା ନାଁରେ ମିଛ ମକଦ୍ଦମା କରିବି
କବିତା ପଢିବି କି କେଉଁ
ପାଗଳର ପ୍ରଳାପକୁ ସତ ମଣି
କେଉଁ ନିରୀହ ମଣିଷର
ସଚ୍ଚୋଟ ପ୍ରକୃତିରେ ଦାଗ ଲଗାଇବି;
ମଦ ପିଇବି କି, ଫଳରସ ପିଇବି

ମୁଁ ରାଣୀ, ମୁଁ ଦେବୀ,
ମୁଁ ଶକ୍ତିମୟୀ,
ମୋ ମନର ସାମ୍ରାଜ୍ଞୀ ମୁଁ
ମୋ ଇଚ୍ଛାରେ ମୁଁ ହିଁ ମୋ କର୍ମକୁ ବାଛିବି ।

ମୁଁ ଯାହା, ମୁଁ ତାହା
ମୁଁ ମୋ ନିଜକୁ ଜାଣିଛି
କାହାର ମିଥ୍ୟା, ପ୍ରବଞ୍ଚନା,
ପୈଶାଚିକ, ନିଷ୍ଠୁର, ଦୁର୍ଦ୍ଦାନ୍ତ ପ୍ରକୃତି
ଭୟ ଦେଖାଇ, ଲୋଭ ଦେଖାଇ
ଛୁଇଁ ପାରନ୍ତିନି ମୋ ମନକୁ
ପ୍ରଭାବିତ କରିପାରନ୍ତିନି ମୋ ବିଚାରକୁ,
ମୋ ମନର ସୂକ୍ଷ୍ମକୋଣ,
ମୋ ହୃଦୟର ବିଶ୍ୱାସକୁ;
ଈଶ୍ୱର ବିଶ୍ୱାସର ସଞ୍ଜୀବନୀ ବଟୁଆ ଭିତରେ
ମୁଁ ଯେ ସାଇତି ରଖିଦେଇଛି ମୋ ମନକୁ
ଯାହାକୁ ଖାଲି ସ୍ନେହ ଛୁଇଁପାରେ,
ବନ୍ଧୁତା ଅନୁଭବ କରିପାରେ,
ସାଧୁ, ସଚ୍ଚୋଟ ମଣିଷର
ନିର୍ମଳ ହୃଦୟ ଦେଖିପାରେ, ଛୁଇଁପାରେ,
ଅନୁଭବ କରିପାରେ ।

(୨)

ଶୁଭ ନୂଆବର୍ଷ ୨୦୧୨

ଆସିଗଲା ନୂଆବର୍ଷ ପ୍ରତିବର୍ଷ ପରି
ଚେତାବନୀ ଦେଇଗଲା
ବର୍ଷଟିଏ ବିତିଗଲା
ସମୟ ଏମିତି ବିତିଯାଏ
କାହାକୁ ଅପେକ୍ଷା ନକରି;
ମନ ବସି ବିଶ୍ଳେଷଣ କରେ
କେତେ ସମୟ ସବୁ କେଉଁଆଡେ ଗଲା
ବନ୍ଧୁ ବାନ୍ଧିବାରେ କି
ଝଗଡାରେ, ସଂଘର୍ଷରେ
ଶୁଭ, ମଙ୍ଗଳ କାମରେ କି
ମାଲି, ମକଦ୍ଦମା, କୋର୍ଟ, କଚେରିରେ
ସାଧୁଙ୍କ ସଙ୍ଗରେ କି
କୁଚକ୍ରୀ, ହିଂସ୍ର, ପଶୁ ସଙ୍ଗତରେ
ସତ୍ୟର ରକ୍ଷାରେ କି
ମିଛ, କୁଟ, କପଟ, ଛନ୍ଦରେ
ମଧୁଭରା ହସରେ କି
ବିଷମୟ, ନାରକୀୟ, ଈର୍ଷାରେ, ରାଗରେ ?

ଏ ନୂଆବର୍ଷରେ ବନ୍ଧୁ ଏହି ମୋ ସନ୍ଦେଶ
ସାଜ ତୁମେ କର୍ମବୀର
ସତ୍ୟ ରକ୍ଷା ପାଇଁ
ଧର୍ମରକ୍ଷା ପାଇଁ
ଦେଇଥିବା ବଚନର ମାନରକ୍ଷା ପାଇଁ;
ରକ୍ଷା କରିବାକୁ ମର୍ଯ୍ୟାଦା ମହତ,
ସ୍ନେହର, ସମ୍ବନ୍ଧର,
ଧର୍ମ ଆଉ ବିଶ୍ୱାସର,
ଶରୀର ମନରେ ତୁମ
ଜାତ ହେଉ ଶତସିଂହ ବଳ,
ନୂଆବର୍ଷ ତୁମପାଇଁ
ଅଲିଭା ପ୍ରଦୀପ ଜାଳୁ
ଆମ୍ଭ ଜାଗୃତିର, ଆମ୍ଭ ବିଶ୍ୱାସର;
ସଚ୍ଚୋଟ, ଶୁଭାକାଂକ୍ଷୀ, ସାଧୁ ବନ୍ଧୁଟିଏ ପାଅ
ଲବ୍ଧ ହେଉ, ଧନ, ମାନ
ହସ, ଖୁସି, ସଫଳତା, ସ୍ନେହ
ଈଶ୍ୱରଙ୍କ ଆଶୀର୍ବାଦ
ଜୀବନକୁ ସଦା ତୁମ
କରୁ ସିକ୍ତ, ସୁରଭିତ
ସଜଫୁଲ ପାଖୁଡା ଓ ମହକରେ
ଭରିଯାଉ ତୁମ ପ୍ରାଣ
ତୁମ ଲକ୍ଷ୍ୟ, ତୁମ ଚଲାପଥ ।

ମୋ ଜାଳିଆ ହେ....



ଜାଳା କଳେବର ତୁମୋ ଜାଳିଆ
ତୁ ମୋର ପ୍ରାଣ ବନ୍ଧୁରେ
ଜାଳା କହେନ୍ତୁରେ ତୁ ମୋ ସାହାରା
ଏ ବର୍ଷାଳୀ ମୋର ତୁ ଯେବେ ।୧।

ଜାଳା ଛାତା ମୋର ଖୁଣ୍ଟେ ଖୁଣ୍ଟେ ଦିଶି
ଜଳି ରହିଥିବୁ ଉଡ଼ିଯାଏ
ଜାଳା ଭେଷ ହେ ମୋ ଚରମ ପେଇବୁ
ଅମୃତ ଧାରା ଝରିଯାଏ ।୨।

ଜାଳା ଘୋଡ଼ା ଧାଡ଼ା ଘେନ ତୋ ବିଜୁଳୀ
ଚମକୁ ଜ୍ୟୋତିଷ୍କ ବଳିଯାଉ
ଜାଳା ଯାନ ମୋର ଚଢ଼ିବି ମୁଁ ଜିଥାଁ
ମୋ ଜାବଳିଆ ଧାଉଧାଉ ।୩।

ଜାଳାନଦୀ ମୋର ତୋ ଘୂର୍ଣ୍ଣିଜଳରେ
ଜଳିଲାଭାବୀ ତ ଧାଉଥିଆ
ଜାଳା ନଦୀ ହେ ମୋ ତୋର ଖେଳ ଧାରା
ବାନ୍ଧୁକ ଯାଉଁ ଛାଡ଼ିଥିଆ ।୪।

ଜାଳା ଗାଙ୍ଗ ହେ ମୋ ଗଙ୍ଗାନାଦ ହେ
ଗଳି ଛାଡ଼ି ଯାଉ ଦୂର ଦେଶେ
ଜାଳା ଜଗନ୍ନାଥ ତୁ ମୋ ବନ୍ଧୁ
ବନ୍ଧାର ସହିତ ମାଗେ ।୫।



ପ୍ରଶାନ୍ତ ତ୍ରିପାଠୀ
୨୩ ସେପ୍ଟେମ୍ବର ୨୦୦୦

⊙ ବଡ଼ଦାଣ୍ଡ
ଜଗନ୍ନାଥ ପ୍ରସାଦ
ଗଣ୍ଡୀପ...

* ୩୦, ବର୍ଷ ହିତ ତେଇଶ
ଠ ଥେ ଶ୍ରୀ
ଜାମାତ୍ରା



ମୋ କବିତା...

ମହାଧାମ...

ତୋତେ ଦେଖି ଭୁଲି ଯାଏ... ମୋର ମନହିଁ ଯାଏ... ଜାଣିଥା ସୁନାରେ ମୋର
ସୁନସୁନା ଭୁ ହୁଏଁ ... ତୋ ଆକାଶ ଘାସ ପୁରି... ତୋର ଗାତ ଖଣି ଗାଇ...
ଖୋଳା ହୋଇ ତୋ ମଣିରେ ଡୁବି ରେ ଯାଉଛି... ଏମିତି ତୁ ଦେବତା...
ତୁ ମୋ ଜୀବନର ଦ୍ରାଣକର୍ତ୍ତା... ଗଢ଼ା ତୋର ମହାବାହୁ ... ଜିତି ରେ ମଣିଷ ଦେହ...
ଛେଉ ଦେଉ ଶରୀର ଭରା... ଏ ଧରେ ଚକ୍ଷ ଖୋଲିଲା...
ଚାଲିଲା ରେ ସୁଖଲାଲ ଜିବନେ ବହି... ତୋ ଦିବଢ଼ା ଅମୃତରେ... ବଢ଼ିଗଣ୍ଡ ଶିରଗଣ୍ଡରେ...
ତୋ ମଣିର ମୋର ତୀର୍ଥ... ଜାଣିଥା ମୋଜନ୍ମାଥ... ତୁ ବନ୍ଧୁ, ଜୀବନ ଗତି...
ତୋର ବିଦ୍ୟା ମୋର ଆତ୍ମ ଜୀବ ଥରିଛେ... ଜଣିଛି ମୁଁ ଦୁଃଖଗାଥା...
ଜିବି ଲାଡ଼ାର ଲଢ଼ିରେ... ତୋର ଦୟା .. ମୋ ଛାଡ଼ିଲା ... ଦୋଷ ମୋର ମୀଳକ୍ଷ ଆଉ ରେ ରହି...
ମୋ ଆଶ.. ମୋର ଶକ୍ତିଶାଳୀ ... ମୋ ଆଶାର ତୁ ଛାଡ଼ିଲା... ମୋର ଗତି ମୁକ୍ତି କର ହେଉଛି ମୋର..
ଭାବ ରେ ଚାଣ୍ଡ ତୁ ଦୋର... ଭାବର ସ୍ୱାମୀ ସମ୍ବର ... ତୋର ନାମ ଭଜେ ହାଜେ ଜିଭରେ ଗାଇ.....

ପ୍ରଶାନ୍ତକୁମାର
୧୧.୧୧.୧୧

ଜୀବନଛନ୍ଦ (୩)

ସତ୍ୟ ପଟ୍ଟନାୟକ

ତମେ ଅପହଞ୍ଚ ଅନନ୍ତ ଆକାଶ ।
ମୁଁ ଶୂନ୍ୟରେ ଲଟେଇଥିବା
ଧୂଆଁର ଲତାଟିଏ, ଯିଏ
ମୁହୂର୍ତ୍ତକରେ ସମାଧିସ୍ଥ ହୁଏ ॥

ତମେ ମନୋହର ସୁନୀଳ ସାଗର ।
ମୁଁ ବେଳାଭୁମିର କ୍ଷୁଦ୍ରାତିକ୍ଷୁଦ୍ର
ବାଲୁକାର ଅଣୁଟିଏ, ଯିଏ
ଶିତଳ ଲହରୀର ସ୍ୱର୍ଗୀୟ ସ୍ପର୍ଶକୁ
ତୃଷାର୍ତ୍ତ ଚାତକ ପରି ଚାହିଁ ବସିଥାଏ ॥

ତମେ ଅନାସକ୍ତ ଅଦ୍ଭୁତ ଚିତ୍ରକ ।
ମୁଁ ତୂଳୀରୁ ବିଚ୍ଛୁରିତ
ରଙ୍ଗର ସୂକ୍ଷ୍ମ ବିନ୍ଦୁଟିଏ, ଯିଏ
ଅସହାୟ ଭାବେ ଆଇନାରେ
ନିଜ ରୂପ ନିଜେ ଦେଖୁଥାଏ ॥

ତମେ ମାୟାରହିତ, କାଳେକାଳେ ସମୟରୁ ମୁକ୍ତ ।
ମୁଁ ମାୟାର ଅଧିନ
ମୋହଗ୍ରସ୍ତ ମଣିଷଟେ, ଯିଏ
ସଂସାରର ରୁଦ୍ଧ କୋଠରୀରେ
ଜଞ୍ଜାଳର ବେଡିପିନ୍ଧି ଦିନରାତି ପଡିରହିଥାଏ ॥

ତମେ ଅନୁରାଗୀ ଅମିତ ଓଁକାର
ଅଥଚ ଅପର୍ଯ୍ୟାପ୍ତ ଧନର ଭଣ୍ଡାର ।
ମୁଁ ହାତପାତି ଛିଡାହୋଇଥିବା
ନିଃସ୍ୱ ଦରିଦ୍ର କାଙ୍ଗାଳ, ଯିଏ
ତମର ଦୁଆର ଆଗରେ

ଚାଖଣ୍ଡକ ପେଟ ପାଇଁ ଅହରହ ଯୁଝିରହିଥାଏ ॥

ତମେ ହସ୍ତଶୁନ୍ୟ ପଦଶୁନ୍ୟ
ଅସଂପୂର୍ଣ୍ଣତା ଭିତରେ ବି ସୁନ୍ଦର ସଂପୂର୍ଣ୍ଣ ।
ମୁଁ ସବୁଥାଇ ବି ଏକ ଶୂନ୍ୟସ୍ଥାନ, ଯିଏ
ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଲୋଡୁଥାଏ ସାହାଯ୍ୟ ଅନ୍ୟର ।
ଈଶ୍ୱର, ଏଇତ ପାର୍ଥକ୍ୟ
ତମର ଆଉ ମୋର !

୭୪୬୪ ଓ୍ୱିଜ୍‌ଡମ୍ ଲେନ୍, ଡବ୍‌ଲିନ୍, ଓହିଓ ୪୩୦୧୬

ଜୀବନଛନ୍ଦ (୩)

ସତ୍ୟ ପଟ୍ଟନାୟକ

ତମେ ଅପହଞ୍ଚ ଅନନ୍ତ ଆକାଶ ।
ମୁଁ ଶୂନ୍ୟରେ ଲଟେଇଥିବା
ଧୂଆଁର ଲତାଟିଏ, ଯିଏ
ମୁହୂର୍ତ୍ତକରେ ସମାଧିସ୍ଥ ହୁଏ ॥

ତମେ ମନୋହର ସୁନୀଳ ସାଗର ।
ମୁଁ ବେଳାଭୁମିର କ୍ଷୁଦ୍ରାତିକ୍ଷୁଦ୍ର
ବାଲୁକାର ଅଣୁଟିଏ, ଯିଏ
ଶିତଳ ଲହରୀର ସ୍ୱର୍ଗୀୟ ସ୍ପର୍ଶକୁ
ତୃଷାର୍ତ୍ତ ଚାତକ ପରି ଚାହିଁ ବସିଥାଏ ॥

ତମେ ଅନାସକ୍ତ ଅଦ୍ଭୁତ ଚିତ୍ରକ ।
ମୁଁ ତୂଳୀରୁ ବିଚ୍ଛୁରିତ
ରଙ୍ଗର ସୂକ୍ଷ୍ମ ବିନ୍ଦୁଟିଏ, ଯିଏ
ଅସହାୟ ଭାବେ ଆଇନାରେ
ନିଜ ରୂପ ନିଜେ ଦେଖୁଥାଏ ॥

ତମେ ମାୟାରହିତ, କାଳେକାଳେ ସମୟରୁ ମୁକ୍ତ ।
ମୁଁ ମାୟାର ଅଧିନ
ମୋହଗ୍ରସ୍ତ ମଣିଷଟେ, ଯିଏ
ସଂସାରର ରୁଦ୍ଧ କୋଠରୀରେ
ଜଞ୍ଜାଳର ବେଡିପିନ୍ଧି ଦିନରାତି ପଡିରହିଥାଏ ।

ତମେ ଅନୁରାଗୀ ଅମିତ ଓଁକାର
ଅଥଚ ଅପର୍ଯ୍ୟାପ୍ତ ଧନର ଭଣ୍ଡାର ।
ମୁଁ ହାତପାତି ଛିଡାହୋଇଥିବା
ନିଃସ୍ୱ ଦରିଦ୍ର କାଙ୍ଗାଳ, ଯିଏ
ତମର ଦୁଆର ଆଗରେ
ଚାଖଣ୍ଡକ ପେଟ ପାଇଁ ଅହରହ ଯୁଝିରହିଥାଏ ॥

ତମେ ହସ୍ତଶୁନ୍ୟ ପଦଶୁନ୍ୟ
ଅସଂପୂର୍ଣ୍ଣତା ଭିତରେ ବି ସୁନ୍ଦର ସଂପୂର୍ଣ୍ଣ ।
ମୁଁ ସବୁଥାଇ ବି ଏକ ଶୂନ୍ୟସ୍ଥାନ, ଯିଏ
ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଲୋଡୁଥାଏ ସାହାଯ୍ୟ ଅନ୍ୟର ।
ଈଶ୍ୱର, ଏଇତ ପାର୍ଥକ୍ୟ
ତମର ଆଉ ମୋର !

୭୪୬୪ ଓ୍ୱିକ୍‌ଡମ୍ ଲେନ୍, ଡବ୍‌ଲିନ୍, ଓହିଓ ୪୩୦୧୬